# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**23rd July - 2025**

*********************************

## ମୁଖ୍ୟ ସମ୍ବାଦ

- ଉପରାଷ୍ଟ୍ରପତି ପଦବିପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆରମ୍ଭ ହେଲା ନିର୍ବାଚନ ପ୍ରକ୍ରିୟା ।

- ଭୁବନେଶ୍ୱରରେ ମା' ତାରିଣୀ ପୀଠ, ବିରଜା ମନ୍ଦିର ଏବଂ ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

- କୌଶଲ୍ୟାଗଙ୍ଗଠାରେ ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟଚାଷୀ ତାଲିମ୍ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ।

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଶ୍ରୀବିଗ୍ରହମାନଙ୍କର ଚିତାଲାଗି ନୀତିପାଇଁ ସ୍ୱତନ୍ତ୍ର ନୀତିକାନ୍ତି ।

***Desk***

# ଉପରାଷ୍ଟ୍ରପତି ନିର୍ବାଚନ

ଉପରାଷ୍ଟ୍ରପତି ପଦବୀରୁ ଜଗଦୀପ ଧନଖଡ ଇସ୍ତଫା ଦେବା ପରେ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆଜି ଉପରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରସ୍ତୁତି କାର୍ଯ୍ୟ ଶେଷ ହେବା ପରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ତାରିଖ ଘୋଷଣା କରାଯିବ। ଏହା ପୂର୍ବରୁ ରାଜ୍ୟସଭା ଓ ଲୋକସଭାର ନିର୍ବାଚିତ ଓ ମନୋନୀତ ସଦସ୍ୟଙ୍କୁ ନେଇ ଇଲେକ୍‌ଟୋରାଲ୍ କଲେଜ୍ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ସମ୍ବିଧାନର ଅନୁଚ୍ଛେଦ ୩୨୪ ଅନୁଯାୟୀ, ଉପରାଷ୍ଟ୍ରପତି ପଦବୀ ପାଇଁ ନିର୍ବାଚନ ପରିଚାଳନା କରାଯିବାର ବିଧି ରହିଛି।

***BBSR/R***

# ମୁଖ୍ୟମନ୍ତ୍ରୀ – ସମୀକ୍ଷା ବୈଠକ

ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର ଘଟଗାଁ ମା' ତାରିଣୀଙ୍କ ପୀଠ, ଯାଜପୁରର ମା' ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଭୁବନେଶ୍ୱରର ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଘଟଗାଁ ମା' ତାରିଣୀ ମନ୍ଦିରର

ବିକାଶ କାର୍ଯ୍ୟ ଆସନ୍ତା ଅଢ଼େଇ ବର୍ଷ ମଧ୍ୟରେ ଶେଷ ହେବ ବୋଲି ବୈଠକରୁ ସୂଚନା ମିଳିଛି ।

ସେହିଭଳି ୪ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଥିବା ଯାଜପୁରର ମା’ ବିରଜାଙ୍କ ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି । ପରେ ପ୍ରଭୁ ଲିଙ୍ଗରାଜଙ୍କ ଏକାମ୍ର କ୍ଷେତ୍ରର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ମଧ୍ୟ ସବିଶେଷ ସମୀକ୍ଷା କରିବା ଅବସରରେ ମୁଖ୍ୟମନ୍ତ୍ରୀ ଟ୍ରାଫିକ୍ ସମସ୍ୟାକୁ ଦୂର କରିବାପାଇଁ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

***Desk***

# ଉପମୁଖ୍ୟମନ୍ତ୍ରୀ – ବଳାତ୍କାର ପୀଡ଼ିତା

ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ପୁରୀ ଜିଲ୍ଲା ବଳାତ୍କାର ପୀଡ଼ିତାଙ୍କୁ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭେଟିଛନ୍ତି । ଶ୍ରୀମତୀ ପରିଡ଼ା ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଏମ୍ସ ଡାକ୍ତରୀ ଦଳ ଏବଂ ପରିବାର ଲୋକଙ୍କୁ ପଚାରି ବୁଝିଛନ୍ତି । ଆଗାମୀ ଦିନରେ ପୀଡ଼ିତାଙ୍କ ଚିକିତ୍ସାପାଇଁ ଆବଶ୍ୟକ ଥିବା ସମସ୍ତ ସହଯୋଗ ରାଜ୍ୟ ସରକାର ଯୋଗାଇଦେବେ ବୋଲି ଶ୍ରୀମତୀ ପରିଡ଼ା ପୀଡ଼ିତାଙ୍କ ପରିବାରବର୍ଗଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

*HS*

# ଯୋଗାଣ ମନ୍ତ୍ରୀ

ପଶ୍ଚିମବଙ୍ଗରୁ ରାଜ୍ୟକୁ ଆଳୁ ଆମଦାନୀ କରିବା ସମ୍ପର୍କରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସାକ୍ଷାତ୍ କରିବେ ବୋଲି ସୂଚନା ମିଳିଛି । ରାଜ୍ୟରେ ଠିକ୍ ସମୟରେ ପଶ୍ଚିମବଙ୍ଗରୁ ଆଳୁ ପହଞ୍ଚିପାରିବ, ସେଦିଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି । ରାଜ୍ୟରେ ୫ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଉତ୍ପାଦନ ହେଉଥିବାବେଳେ ଆଉ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଆଳୁର ଆବଶ୍ୟକତା ଥିବାରୁ ଯୋଗାଣ ମନ୍ତ୍ରୀ ଏହି ପଦକ୍ଷେପ ନେଉଛନ୍ତି ବୋଲି ଜଣାପଡ଼ିଛି ।

*HS*

# କୁଳପତି ନିଯୁକ୍ତି ରଦ୍ଦ

ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିଯୁକ୍ତିକୁ କୁଳାଧିପତି ତଥା ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ରଦ୍ଦ କରିଛନ୍ତି । ନୂତନ କୁଳପତି ନିଯୁକ୍ତି ନେଇ ନୂଆ ଅଧ୍ୟାଦେଶ ଅଣାଯିବ ବୋଲି ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ଜଣାଇଛନ୍ତି ବୋଲି ସୂଚନା ମିଳିଛି ।

*Desk*

# ସିଭିଲ୍‌କୋର୍ଟ ସ୍ଥାପନ

ରାଜ୍ୟରେ ଆଉ ୫୬ଟି ନୂଆ ସିଭିଲକୋର୍ଟ ସ୍ଥାପନ କରାଯିବ। ଏଥିପାଇଁ ୮୪୦ଟି ନୂଆ ପଦବୀକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ମଞ୍ଜୁରୀ ପ୍ରଦାନ କରିଛନ୍ତି। ରାଜ୍ୟ ଆଇନ୍ ବିଭାଗ ପକ୍ଷରୁ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ଚିଠି ମାଧ୍ୟମରେ ଏନେଇ ଅବଗତ କରାଯାଇଛି।

*HS*

# ଯୁକ୍ତ ଦୁଇ ପାଠ

ରାଜ୍ୟର ୧୦୨ଟି ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ଫଳରେ ଯୁକ୍ତ ଦୁଇ ପାଠପଢ଼ାରୁ ବଞ୍ଚିତ ହେଉଥିବା ଛାତ୍ରଛାତ୍ରୀମାନେ ଘରପାଖ ବିଦ୍ୟାଳୟରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଶିକ୍ଷାଲାଭ କରିବାର ସୁଯୋଗ ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି ।

***BBSR/R***

# ମତ୍ସ୍ୟଚାଷୀ ତାଲିମ କେନ୍ଦ୍ର

ଭୁବନେଶ୍ୱରର କୌଶଲ୍ୟାଗଙ୍ଗ ସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରଠାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଆଜି ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟଚାଷୀ ତାଲିମ୍ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ୧୫ କୋଟି ଟଙ୍କା ଅନୁଦାନରେ ନିର୍ମାଣ ହେବାକୁ ଥିବା ଏହି କେନ୍ଦ୍ର ସ୍ଥାପନ ହେଲେ ମତ୍ସ୍ୟଚାଷୀ, ଉଦ୍ୟୋଗୀ ଏବଂ ମତ୍ସ୍ୟ ଅଧିକାରୀମାନଙ୍କୁ ଉନ୍ନତମାନର ମତ୍ସ୍ୟଭିତ୍ତିକ ପ୍ରଯୁକ୍ତିବିଦ୍ୟା ଓ ଆଧୁନିକ କୌଶଳ ବିଷୟରେ ପ୍ରଶିକ୍ଷଣ ଦିଆଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି । ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ମାଛ ଉତ୍ପାଦନ ବହୁଗୁଣିତ ହେବା ସହ ମତ୍ସ୍ୟଚାଷୀଙ୍କ ଜୀବନ ଜୀବିକା ଅଧିକ ସୁରକ୍ଷିତ ହୋଇପାରିବ । ମାଛଚାଷରେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟ ଭାବେ ପରିଣତ କରିବା ଲକ୍ଷ୍ୟ ନେଇ ଏହି ପ୍ରଶିକ୍ଷଣ କେନ୍ଦ୍ରର ସ୍ଥାପନ କରାଯାଇଛି । ପ୍ରଶିକ୍ଷଣ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମତ୍ସ୍ୟ ନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ଅଧିକାରୀ ଓ ମତ୍ସ୍ୟଚାଷୀମାନେ ଉପସ୍ଥିତ ଥିଲେ ।

*HS*

## ଡି.ଜି.ପି.-ଆଇ.ପି.ଏସ୍. ପ୍ରଶିକ୍ଷାର୍ଥୀ

ରାଜ୍ୟ ଭ୍ରମଣରେ ଆସିଥିବା ୭୭ତମ ବ୍ୟାଚ୍‌ର ୨୬ ଜଣ ଆଇ.ପି.ଏସ୍. ପ୍ରଶିକ୍ଷାର୍ଥୀ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି । ନୂତନ ଆଇ.ପି.ଏସ୍. ପ୍ରଶିକ୍ଷାର୍ଥୀମାନେ ନିଜ କାର୍ଯ୍ୟକ୍ଷେତ୍ରରେ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରି ସାଧାରଣ ଲୋକଙ୍କୁ ଉତ୍କୃଷ୍ଟ ସେବା ପ୍ରଦାନ ଦିଗରେ ଯତ୍ନବାନ ହେବାକୁ ଶ୍ରୀ ଖୁରାନିଆ ପରାମର୍ଶ ଦେଇଛନ୍ତି ।

*Puri/R*

## ଛିତାଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଗୁରୁବାର ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀବିଗ୍ରହମାନଙ୍କର ଚିତାଲାଗି ନୀତି ଅନୁଷ୍ଠିତ ହେବ। ଏହି ଗୁପ୍ତ ନୀତି ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ଣ ୨ଟା ୩୦ ଠାରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଜାତୀୟ ପ୍ରସାରଣ ଦିବସ

ଦେଶରେ ଶିକ୍ଷାଗତ ପ୍ରସାର, ସାଂସ୍କୃତିକ ସଂରକ୍ଷଣ, ବିକାଶ ଏବଂ ମନୋରଞ୍ଜନର ପ୍ରସାରଣକୁ ସ୍ମରଣକରି ଆଜି ସମଗ୍ର ଦେଶରେ ଜାତୀୟ ପ୍ରସାରଣ ଦିବସ ପାଳନ କରାଯାଉଛି । ୧୯୨୭ ମସିହା ଆଜିର ଦିନରେ ଭାରତୀୟ ପ୍ରସାରଣ କମ୍ପାନୀ ଅଧୀନରେ ବମ୍ବେ ଷ୍ଟେସନରୁ ଦେଶର ପ୍ରଥମ ରେଡ଼ିଓ ପ୍ରସାରଣ ଆରମ୍ଭ ହୋଇଥିଲା । ୧୯୩୬ ମସିହା ଜୁନ୍ ୮ ତାରିଖରେ ରାଷ୍ଟ୍ରୀୟ ପ୍ରସାରଣ ସେବାର ନାମ ଅଲ୍ ଇଣ୍ଡିଆ ରେଡ଼ିଓ ରଖାଗଲା । ପରେ ଏହା ଆକାଶବାଣୀ ନାମରେ ନାମିତ ହୋଇଛି । ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମକୁ ଶ୍ରୋତାଙ୍କ ପାଖରେ ପହଞ୍ଚାଇବାରେ ଆକାଶବାଣୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଆସନ୍ତୁ ଏ ସମ୍ପର୍କରେ ଶୁଣିବା ଏକ ରିପୋର୍ଟ....

ଦେଶର କୋଣଅନୁକୋଣରେ ସୂଚନା, ଶିକ୍ଷା ଏବଂ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ପହଞ୍ଚାଇବାରେ ରେଡିଓ ଏକ ବଳିଷ୍ଠ ମାଧ୍ୟମ ଭାବେ ପ୍ରତିପାଦିତ ହୋଇପାରିଛି । ୧୯୫୬ ମସିହାରେ ଜାତୀୟ ପ୍ରସାରଣର ନାମ ଆକାଶବାଣୀ ଅର୍ଥାତ୍ ଆକାଶରୁ ସ୍ୱର ଭାବେ ବିକଶିତ ହୋଇଥିଲା । ପରବର୍ତ୍ତୀ ସମୟରେ ୧୯୫୭ ମସିହାରେ ବିବିଧଭାରତୀ ସେବା ଆରମ୍ଭ ହୋଇଥିଲା । ଏହି ଅବସରରେ ପ୍ରସାରଭାରତୀ ଅଧ୍ୟକ୍ଷ ନବନୀତ କୁମାର ସେହଗଲ କହିଛନ୍ତି ଦେଶ ଭିତରେ ଏବଂ ସୀମା ବାହାରେ ଆକାଶବାଣୀ ନିଜ ସ୍ୱରକୁ

ପହଞ୍ଚାଇପାରିଛି । ବିବିଧତାକୁ ମାନ୍ୟତା ଦେବା ସହ ଏକତାକୁ ଏହା ଅଧିକ ସୁଦୃଢ଼ କରିପାରିଛି ।

**V/O (Navneet Kumar)**

ବିଜ୍ଞାନର ଜୟଯାତ୍ରାକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ଆକାଶବାଣୀ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ସାବ୍ୟସ୍ତ ହୋଇଛି । ସମୟ ସହିତ ତାଳଦେଇ ଦୈନନ୍ଦିନ ଜୀବନର ପ୍ରତ୍ୟେକ ପ୍ରସଙ୍ଗକୁ ଆକାଶବାଣୀ ଲୋକଙ୍କ ପାଖରେ ପହଞ୍ଚାଇପାରିଛି । ସେଥିପାଇଁ ଆଜିର ଦିବସ ବିଶେଷ ଗୁରୁତ୍ୱ ବହନ କରୁଛି । ଆକାଶବାଣୀ ଏହାର ୯୦ତମ ବାର୍ଷିକୀ ପାଳନ କରିବାକୁ ଯାଉଥିବାବେଳେ ରେଡିଓର ଗୁରୁତ୍ୱ ସମ୍ପର୍କରେ ରେଡ଼ିଓ ପ୍ରସାରଣ କ୍ଷେତ୍ରରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା ସୁବ୍ରତ ପତି କହିଛନ୍ତି :

***Voice*** **:........**

ବହୁଜନ ହିତାୟ, ବହୁଜନ ସୁଖାୟର ମୂଳମନ୍ତ୍ର ପାଳନ କରିବା ସହ ପ୍ରଯୁକ୍ତିବିଦ୍ୟା ସହିତ ତାଳଦେଇ ଆକାଶବାଣୀ ତା'ର ଯାତ୍ରା ଜାରି ରଖିଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ଜିତେନ୍ଦ୍ର କୁମାର ନାୟକ ।

***Desk***

## ଭୀଷ୍ମ କ୍ୟୁବ୍ସ

ବିପର୍ଯ୍ୟୟ ସମୟରେ ତ୍ୱରିତ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ୩ଟି ଭୀଷ୍ମ କ୍ୟୁବ୍ସ ପ୍ରଦାନ

କରାଯାଇଛି । ଭୀଷ୍ମ କ୍ୟୁବ୍‌ସର ଗୋଟିଏ ସେଟ୍‌ରେ ୩୩୮ଟି ଅତ୍ୟାବଶ୍ୟକ ମେଡିକାଲ ସାମଗ୍ରୀ ରହିଛି, ଯେଉଁଥିରେ ଆୟୁର୍ବେଦିକ ଔଷଧ, ଶଲ୍ୟ ଚିକିତ୍ସା ଉପକରଣ ଏବଂ ପୋର୍ଟେବଲ୍ ଡାଇଗ୍ନୋଷ୍ଟିକ୍ ମେସିନ୍ ରହିଥିବା ଏମ୍‌ସ ପକ୍ଷରୁ କୁହାଯାଇଛି ।

*Ganjam/R*

## ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ସହ ସାପକାମୁଡ଼ା ଆଦିରେ ପ୍ରାଣ ହରାଉଥିବା ଲୋକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବା, ଲୋକମାନଙ୍କୁ ଜାତିଗତ ପ୍ରମାଣପତ୍ର ଠିକ୍ ସମୟରେ ଉପଲବ୍ଧ କରାଇବାନେଇ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

*Gajapati/R*

## କାଫେ କ୍ୟାଣ୍ଟିନ

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ ମା’ ମଙ୍ଗଳା ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର

ସୁଭଦ୍ରା ଶକ୍ତି କାଫେ କ୍ୟାଣ୍ଟିନକୁ ଜିଲ୍ଲାପାଳ ବିଜୟ କୁମାର ଦାସ ଉଦ୍‌ଘାଟନ କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରତ୍ୟେକ ଦିନ ବିଭିନ୍ନ ବ୍ଲକ୍ ତଥା ଗ୍ରାମାଞ୍ଚଳରୁ ଆସୁଥିବା ଲୋକମାନେ ଏହି କ୍ୟାଣ୍ଟିନ୍‌ରେ ସୁଲଭ ମୂଲ୍ୟରେ ଖାଦ୍ୟ ପାଇପାରିବେ ବୋଲି ଜିଲ୍ଲାପାଳ କହିଥିଲେ ।

***Met. O.***

# ପାଣିପାଗ

ସାମୁଦ୍ରିକ ବାତ୍ୟା 'ଉଇଫା'ର ପ୍ରଭାବରେ ଉତ୍ତର ବଙ୍ଗୋପସାଗରରେ ସ୍ପଷ୍ଟ ଘୂର୍ଣ୍ଣିବଳୟ ସକ୍ରିୟ ହେବାରେ ଲାଗିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

*****